# ୩୨୪ ବର୍ଷରେ ଐତିହାସିକ କାଳୀମେଘା ମେଳଣ

ତିହିଡ଼ି, ୨।୩(ସଞ୍ଜିତ ବଳ)

ଦୋଳ ପୂର୍ଣ୍ଣିମା ରାତିରୁ ଆରମ୍ଭ ହେବ ଐତିହାସିକ କାଳୀମେଘା ମେଳଣ। ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳୀମେଘା ଗ୍ରାମରେ ଏହି ମେଳଣ ଚଳିତବର୍ଷ ୩୨୪ ବର୍ଷରେ ପଦାର୍ପଣ କରିଛି। ମେଳଣସ୍ଥଳକୁ ସରସ ସୁନ୍ଦର କରାଯିବାକୁ ମେଳଣ କମିଟି ପକ୍ଷରୁ ଉଦ୍ୟମ କରାଯାଇଛି। ପଡ଼ିଆ ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଉଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ବହନ କରୁଥିବା ଏହି ମେଳଣ ଚୈତନ୍ୟଙ୍କ ଆଗମନ ସମୟରୁ ଆରମ୍ଭ ହୋଇଥିବା କୁହାଯାଏ। ମେଳଣ ଅବିରରୁ ଆରମ୍ଭ ହୋଇ କାଦୁଅ ଖେଳରେ ଶେଷ ହେବାର

## ଶ୍ରୀ ଦଧିବାମନ ଜୀଉଙ୍କ ନିର୍ଦ୍ଦେଶରେ ଭାଙ୍ଗିଥାଏ ମେଳଣ



କାଳୀମେଘା ମେଳଣ ତୋରଣ।

ପରମ୍ପରା ଥିବାବେଳେ ଶ୍ରୀ ଦଧିବାମନ ଜୀଉଙ୍କ ନିର୍ଦ୍ଦେଶରେ ମେଳଣ ଭାଙ୍ଗିଥାଏ। ଦୋଳ ପୂର୍ଣ୍ଣିମା ରାତିରେ ବଡିମରା ପଦାରେ ଥାନପତି ଆସନରେ ବସିଥିବା ତାଳପଦା ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ଶ୍ରୀଜୀଉମାନଙ୍କୁ ସ୍ୱାଗତ କରିଥାନ୍ତି। ତୋପ ଶବ୍ଦରେ ପ୍ରଥମେ ଗୁଡୁପାଳ ଗ୍ରାମର ଶ୍ରୀ ରାଧାବଲ୍ଲଭ ଜୀଉ ଶୋଭାଯାତ୍ରାରେ ମେଳଣ ପଡ଼ିଆ ଆଡ଼କୁ ଅଗ୍ରସର ହୋଇଥାନ୍ତି। ପରେ ପରେ ଅନ୍ୟ ଜୀଉମାନେ ନିଜ ନିଜର ନମ୍ବର ଅନୁଯାୟୀ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଯାଇଥାନ୍ତି। ତେବେ ଶ୍ରୀଜୀଉମାନେ ଗ୍ରାମରେ ଥିବା ଶ୍ରୀ ଦଧିବାମନ ଜୀଉଙ୍କୁ ଦର୍ଶନ କରିବା ସହ ତାଙ୍କ ମନ୍ଦିରକୁ ପ୍ରଦକ୍ଷିଣ କରିଥାନ୍ତି। ପରେ ଶ୍ରୀଜୀଉମାନେ ମେଳଣ ପଡ଼ିଆକୁ ପ୍ରବେଶ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସିଥାନ୍ତି। ଏହି ମେଳଣରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଲୋକେ ପରସ୍ପରକୁ ଅବିର ବୋଳି ସମ୍ପର୍କ ସ୍ଥାପନ କରିବା ସହ ଭାବର ଆଦାନପ୍ରଦାନ କରିଥାନ୍ତି। ଏହାବ୍ୟତୀତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ନିଜ ନିଜର ଦୋକାନ ଖୋଲିଥାନ୍ତି। ଏପରିକି ଲୋକେ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ଏହି ମେଳଣକୁ ଅପେକ୍ଷା କରିଥିବା କୁହାଯାଏ। ଅପରାହ୍ନରେ ଶ୍ରୀ ଦଧିବାମନ ଜୀଉ ଶୋଭାଯାତ୍ରାରେ ବାହାରି କାଦୁଅ ଖେଳି ଖେଳି ମେଳଣ ପଡ଼ିଆ ଭିତରେ ପ୍ରବେଶ କରିଥାନ୍ତି। ସମସ୍ତ ଜୀଉଙ୍କୁ ଦର୍ଶନ ଦେବା ପରେ ମେଳଣ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଚଳିତ ବର୍ଷ ଡିଜେ ବାଜିବା ଉପରେ ଅଙ୍କୁଶ ଲାଗିଥିବାରୁ ମେଳଣ ସ୍ଥଳକୁ ଯାତାୟାତରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଜଣାଯାଇଛି। ମେଳଣ କମିଟି କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକ, ସୁରେଶ ମହାପାତ୍ର, କୀର୍ତ୍ତନ ରାଉତ, ଅଜୟ କୁମାର ରାଉତ, ରତିକାନ୍ତ ଦାସ, ଅପୂର୍ବ ଦାସଙ୍କ ସମେତ କର୍ମକର୍ତ୍ତାମାନେ ମେଳଣ ପରିଚାଳନାରେ ସହଯୋଗ କରୁଛନ୍ତି।

# ଆଶୀର୍ବାଦ ଯୋଜନା ହିତାଧିକାରୀଙ୍କ ପାଇଁ ପରାମର୍ଶ ସଭା



ସଭାରେ ଅଧିକାରୀମାନେ ଶିଶୁ ଓ ଅଭିଭାବକଙ୍କୁ ପରାମର୍ଶ ଦେଉଛନ୍ତି।

ଧାମନଗର, ୨।୩ (ଦେବେନ୍ଦ୍ର ଆନ୍ଦିଆ)

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ପରିଚାଳିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ଶିଶୁ ଓ ପରିବାର ବର୍ଗଙ୍କ ନିମନ୍ତେ ଏକ ପରାମର୍ଶ ସେବା ସଭା ସୋମବାର ଧାମନଗର ବ୍ଲକ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଆଇସିଡିଏସ୍‌ର ମହିଳା ପରିଦର୍ଶିକା ସରୋଜିନୀ ମୁଦୁଲି, ବନ୍ଦନା ନାୟକ, ସବିତା ନାୟକ, ଜୟନ୍ତୀ ରାଉତ, ନିର୍ମଳା ସାହୁ, ରାଧାରାଣୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରିଣୀ (ଅଣଆନୁଷ୍ଠାନିକ) ସ୍ୱାଗତିକା ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ଶିଶୁମାନେ କିପରି ଯଶୋଦା ଯୋଜନାରେ ସାମିଲ ହୋଇପାରିବେ, ତାହା ଉଲ୍ଲେଖ କରିଥିଲେ। ଏଥିସହ ଶିଶୁମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ। ହିତାଧିକାରୀ ଶିଶୁ ଓ ଅଭିଭାବକଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ଶିବିରରେ ଅଂଶଗ୍ରହଣ କରିଥିଲେ।

# ୧୫ରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ଗଣଦୌଡ଼

ଧାମନଗର, ୨।୩(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ଆସନ୍ତା ୧୫ ତାରିଖରେ ଏକ ବିରାଟ ଗଣଦୌଡ଼ କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ନେଇ ଅନୁଷ୍ଠିତ ହେବ। ଏନେଇ ରବିବାର ଧାମନଗରସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଯୁବନେତା ଶୁଭେନ୍ଦୁ ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ସରୋଜ ମହାପାତ୍ର, ସମ୍ପାଦକ ବିଜୟ କୁମାର ରାମ, ଗଣଦୌଡ଼ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ସରୋଜ ପରିଡ଼ା, କାଉନସିଲର ସ୍ୱାଧୀନ ସମ୍ବିତ ଦାଶ, ମୁକୁନ୍ଦ ଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାର, ଆଇନଜୀବୀ ରଞ୍ଜିତ କୁମାର ମହାନ୍ତି, ଗିରିଗୋବର୍ଦ୍ଧନ ଗୋଶାଳାର ସମ୍ପାଦକ ସୁରଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗଣଦୌଡ଼ ଓ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସୁଚାରରୂପେ ସମ୍ପାଦନ କରିବା ପାଇଁ ଯୁବବର୍ଗଙ୍କୁ ସେମାନେ ଉତ୍ସାହିତ କରିଥିଲେ। ସକାଳ ୭ଟାରୁ ଜୟନଗରସ୍ଥିତ କୋର୍ଟଠାରୁ ଗଣଦୌଡ଼ ଆରମ୍ଭ ହୋଇ ମେଡିକାଲସ୍ଥିତ ମେଳଣ ପଡ଼ିଆରେ ଉଦ୍‌ଯାପିତ ହେବ ବୋଲି ସ୍ଥିର ହୋଇଛି। ରଞ୍ଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀଧର ପାଣିଗ୍ରାହୀ, ନୀହାର ରଞ୍ଜନ ଦାସ, ରାଜୀବ ନାୟକ, ରାଜୀବ ମାଝୀ, ସୁଶାନ୍ତ ରାଉତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଚନ୍ଦ୍ରଗ୍ରହଣ ପାଇଁ ୧୩ ଘଣ୍ଟା ବନ୍ଦ ରହିବ ଆଖଣ୍ଡଳମଣି ମନ୍ଦିର

ଧୁଷୁରୀ, ୨।୩(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲ୍ଲା ଆରଡ଼ି ଆଖଣ୍ଡଳମଣି ମନ୍ଦିର ମଙ୍ଗଳବାର ଚନ୍ଦ୍ରଗ୍ରହଣ ପାଇଁ ୧୩ଘଣ୍ଟା ବନ୍ଦ ରହିବ। ସକାଳ ୬ଟା ୧୫ରୁ ସନ୍ଧ୍ୟା ୬ଟା ୪୭ ଯାଏ ଦିଅଁ ଦର୍ଶନ ହୋଇପାରିବ ନାହିଁ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିନିମନ୍ତେ ମନ୍ଦିରରେ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ନୀତିକାନ୍ତି ଅନୁସାରେ ଗ୍ରହଣ ଆରମ୍ଭରୁ ସର୍ବମୋକ୍ଷ ପର୍ଯ୍ୟନ୍ତ ଦେବନୀତି ସହ ପୂଜାର୍ଚ୍ଚନା ବନ୍ଦ ରହିବ। ସୋମବାର ରାତି ସାଢ଼େ ୩ଟାରେ ମନ୍ଦିର ଦ୍ୱାରଫିଟା ଓ ପହଡ଼ ଖୋଲା ପରେ ମଙ୍ଗଳ ଆଳତି, ମହାସ୍ନାନ, ବାଲ୍ୟଭୋଗ ସହ ଘର୍ଷଣ ଲାଗି କରାଯିବ। ଏହାପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯିବ ଓ ସର୍ବସାଧାରଣ ଦର୍ଶନ କରାଯିବ। ମଙ୍ଗଳବାର ସକାଳ ୬ଟା ସୁଦ୍ଧା ବାବାଙ୍କୁ ପଞ୍ଚାନନ ବେଶ କରାଯାଇ ପ୍ରଥମ ଅନ୍ନ ନୀତି ଓ ପଞ୍ଚ ଉପଚାର ପୂଜା ସମ୍ପନ୍ନ କରାଯିବ। ସକାଳ ୬ଟା ୧୫ରେ



ପହଡ଼ ପଡ଼ିବ ଓ ସନ୍ଧ୍ୟା ୬ଟା ୪୭ରେ ଗ୍ରହଣ ସର୍ବମୋକ୍ଷ ପରେ ପୁନର୍ବାର ମନ୍ଦିର ପହଡ଼ ଖୋଲାଯାଇ ମହାସ୍ନାନ, ଆଳତି ସହ ଦୈନନ୍ଦିନ ନୀତିକାନ୍ତି, ବଡ଼ସିଂହାର ବେଶ ସମ୍ପନ୍ନ ହେବ। ପରେ ସାହାଣ ମେଲା କରାଯିବା ସହ ଭକ୍ତମାନଙ୍କୁ ଦିଅଁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯିବ। ଶ୍ରଦ୍ଧାଳୁମାନେ ମନ୍ଦିର ବନ୍ଦ ସମୟରେ ପୀଠକୁ ଆଗମନ ନ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ଶିଶୁ ସୁରକ୍ଷା ହିତାଧିକାରୀ ପରାମର୍ଶ ସଭା

ଭଣ୍ଡାରିପୋଖରୀ, ୨।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ସଭାଗୃହରେ ସୋମବାର ଶିଶୁ ସୁରକ୍ଷା ହିତାଧିକାରୀ ପରାମର୍ଶ ସେବା ଶୀର୍ଷକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରିତା ମାଝୀଙ୍କ ସଭାପତିତ୍ୱରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ହିତାଧିକାରୀ ଶିଶୁ ଓ ପରିବାରବର୍ଗଙ୍କ ନିମନ୍ତେ ପରାମର୍ଶ ସଭାରେ ବିଡିଓ ଦେବଦତ୍ତ ଦାସ ମୁଖ୍ୟଅତିଥି, ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ, ସୁରକ୍ଷା ଅଧିକାରିଣୀ (ଅଣଆନୁଷ୍ଠାନିକ) ସ୍ୱାଗତିକା ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ମହିଳା ପରିଦର୍ଶିକା ଜେମାମଣି ଦଳେଇ, ସତ୍ୟଶିଖା ସେଠୀ ଓ ଅନ୍ନପୂର୍ଣ୍ଣା ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯଶୋଦା ଯୋଜନାରେ ଅଧିକରୁ ଅଧିକ ଶିଶୁ ଅର୍ନ୍ତଭୁକ୍ତୀକରଣ ସହ ଶିଶୁମାନଙ୍କୁ ବିଭିନ୍ନ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାଦାନ ପାଇଁ ଉପଲବ୍ଧ ସୁଯୋଗ ସମ୍ପର୍କରେ ଅତିଥିମାନେ କହିଥିଲେ। ମହିଳା ପରିଦର୍ଶିକା ଆଶାରାଣୀ ପଲାଇ ଧନ୍ୟବାଦ ଦେଇଥିଲେ। ବହୁ ସଂଖ୍ୟାରେ ଶିଶୁ ଅଭିଭାବକ ଓ ଅଙ୍ଗନୱାଡି କର୍ମୀ ସଭାରେ ଅଂଶଗ୍ରହଣ କରିଥିଲେ।

# ୧୪୮ ଅଭିଯୋଗର ଶୁଣାଣି

ଭଦ୍ରକ, ୨।୩(ସନାତନ ରାଉତ)

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗଦେଇ ମୋଟ ୧୪୮ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୧୦୮ଟି ବ୍ୟକ୍ତିଗତ, ୨୨ଟି ସାମୂହିକ ଓ ରେଡ୍‌କ୍ରସ ସହାୟତା ପାଇଁ ୧୮ଟି ଅଭିଯୋଗ ଥିଲା। ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୧୮ଜଣ ଆବେଦନକାରୀଙ୍କୁ ରେଡ୍‌କ୍ରସରୁ ୮୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଧାନ ବିକ୍ରି ସମସ୍ୟା, ମଣ୍ଡିରୁ ଧାନ ଉଠୁ ନ ଥିବା, ରାଶନ କାର୍ଡରେ ନାମ ଯୋଡ଼ିବା, ଜବରଦଖଲ ଉଚ୍ଛେଦ, ଭତ୍ତାଧିକାରୀ ଚୟନରେ ବିଳମ୍ବ ଆଦି ଅଧିକାଂଶ ଅଭିଯୋଗ ରହିଥିଲା। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ସମେତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶିବିରରେ ଯୋଗ ଦେଇଥିଲେ।

# କଳାକାରଙ୍କ ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର, ୨।୩(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ପାଲା ଓ ଲୋକ କଳାକାରମାନେ ଶୁକ୍ରବାର ବିଡିଓ ତନ୍ମିତା କରଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ୫୦ରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କର ସମସ୍ୟା ଓ ଦାବି ସମ୍ପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଲା ମଣ୍ଡଳ ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଡିଓଙ୍କ ସମେତ ସାମାଜିକ ସୁରକ୍ଷା ଅଧିକାରିଣୀ ଆଭାରଞ୍ଜିତା ପୁହାଣଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବିଡିଓଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଳାକାରମାନେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଲୋକକଳାକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ବିଡିଓ ମତବ୍ୟକ୍ତ କରିଥିଲେ। କଳାକାରମାନେ ବୈଠକ କରିବା ପାଇଁ ଏକ ସ୍ଥାୟୀ ଗୃହ ଯୋଗାଇ ଦେବାକୁ ଦାବି ରଖିଥିଲେ। ବ୍ଲକ କନ୍‌ଫରେନ୍ସ ହଲ୍ କଳାକାରଙ୍କ ବୈଠକ ପାଇଁ ପ୍ରଦାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ମଣ୍ଡଳ ସମ୍ପାଦକ କପିଳନାଥ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ବିଡିଓ ତନ୍ମିତା କରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ




ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ଭଦ୍ରକ, ୨।୩(ସନାତନ ରାଉତ)

ମେରା ଭାରତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭଦ୍ରକ କଲେଜ ପରିସରରେ ରବିବାର ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ କଲେଜରୁ ୨ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫ କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଛି। ଅଧ୍ୟକ୍ଷ ଡ. ରଜତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଡ. ସୁଦର୍ଶନ ଦାସ ସଂଯୋଜନା କରିଥିଲେ। ବିଚାରକ ଭାବେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଗିରିଶ ଚନ୍ଦ୍ର ପ୍ରଧାନ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ଡ. ଅସୀମା ତ୍ରିପାଠୀ, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଦୀପ୍ତିମୟ ଦାସ ଓ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ସ୍ତମ୍ଭକାର ଇଂ. ଅଭୟ ସୂତାର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ଚାନ୍ଦବାଲି, ୨।୩(କିଷାନ ପାତ୍ର)

କନିକା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ତଥା ଚାନ୍ଦବାଲି ବ୍ଲକ ଯଶିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ସନାତନ ରାଉତଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ତାଙ୍କ ବାସଭବନରେ ସନାତନ ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ସହ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁଅ ସତ୍ୟାନନ୍ଦ ରାଉତ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଆୟୋଜିତ ସଭାରେ ବକ୍ତାମାନେ ସ୍ୱାଧୀନତା ଆନ୍ଦୋଳନରେ ସ୍ୱର୍ଗତ ରାଉତଙ୍କ ଅବଦାନ, ସମାଜସେବା ଓ ପଞ୍ଚାୟତ ଉନ୍ନତି ପାଇଁ ତାଙ୍କ ଅଦମ୍ୟ ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ରକ୍ତଦାନ ଶିବିରକୁ ପଞ୍ଚାୟତର ରାଜନେତା ପ୍ରତାପ ଚନ୍ଦ୍ର ଧଳ ଉଦ୍‌ଘାଟନ କରିଥିଲେ। ୭୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସରପଞ୍ଚ ପ୍ରମିଳା ମାଝୀ, ରମେଶ ଚନ୍ଦ୍ର ନାୟକ, ଧୀରେନ୍ଦ୍ର ବେହେରା, ନଳିନୀକାନ୍ତ ନାୟକ, ଅକ୍ଷୟ ଧଳ, ସଞ୍ଜୁଲତା ମାଝୀ, ସୁଦର୍ଶନ ସ୍ୱାଇଁ, ଶ୍ରୀବାସ ଦାସ, କମିଟି ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୪୧ ୟୁନିଟ୍ ରକ୍ତ ସଂଗୃହୀତ

ଆଗରପଡ଼ା, ୨।୩(ସୁଶାନ୍ତ ଦାସ)

ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଗୋପୀନାଥ ଜୀଉ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ସୋମବାର ଗୋପୀନାଥପୁର ଯୁବକ ସଂଘ ଆନୁକୂଲ୍ୟରେ ୧୧ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଲ୍ୟାବ୍ ଟେକ୍ନିସିଆନ ରବୀନ୍ଦ୍ର କୁମାର ଜେନା, କାଉନସିଲର ରତିକାନ୍ତ ବଳ, ଆଟେଣ୍ଡାଣ୍ଟ ପ୍ରକାଶ ବେହେରା, ଲିଲିମା ସ୍ୱାଇଁ, ବଳରାମ ପୁହାଣ ଓ ମଧୁସ୍ମିତା ମଲ୍ଲିକ ରକ୍ତ ସଂଗ୍ରହ କରିଥିଲେ। ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସଂଘର କର୍ମକର୍ତ୍ତା ମନୋରଞ୍ଜନ ମହାପାତ୍ର, ସୁବ୍ରତ ଜେନା, ମାନସ ବେହେରା, ମନୋଜ ସେଠୀ ଓ କାହ୍ନୁଚରଣ ସାହୁ ଶିବିର ପରିଚାଳନା କରିଥିଲେ। ପ୍ରଶାନ୍ତ ମହାପାତ୍ର, ରାଜେଶ ପଣ୍ଡା, ପ୍ରଶାନ୍ତ ସାହୁ, ସନାତନ ସେଠୀ, ଜଗନ ବେହେରା, ଲକ୍ଷ୍ମଣ ବେହେରା, ନରେନ୍ଦ୍ର ସେଠୀ, ଭରତ ବେହେରା, ପରେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମେଗା ସ୍ୱାସ୍ଥ୍ୟସେବା ଶିବିର

ଭଦ୍ରକ, ୨।୩(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ଅର୍ଣ୍ଣପାଳସ୍ଥିତ ରାଧାକାନ୍ତ ବେହେରା କଲେଜ ପରିସରରେ ରବିବାର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମାୟାନିଦ୍ରା ଫାଉଣ୍ଡେଶନ, ଆଇଏମ୍‌ଏସ୍ ଏବଂ ସମ୍(୨) ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଶିବିରରେ ରୋଗୀଙ୍କ ଚିକିତ୍ସା କରିଥିଲେ। ପ୍ରାୟ ୩୦୦ ରୋଗୀ ଚିକିତ୍ସିତ ହୋଇଥିଲେ। ବିନା ମୂଲ୍ୟରେ ଔଷଧ, ଇସିଜି, ରକ୍ତ ପରୀକ୍ଷା ସହ ଗୁରୁତର ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଥିଲା। ଫାଉଣ୍ଡେଶନର ନିର୍ଦ୍ଦେଶକ ଡା. ଶ୍ରୀକାନ୍ତ ବାରିକ, ଡା. ରାମ ନିରଞ୍ଜନ ସାହୁ, ଡା. ଜ୍ଞାନଦତ୍ତ ରଥ, ଡା. ପ୍ରେରଣା ଦାସ, ଡା.ଅର୍ଣ୍ଣବ କୁମାର ପାଲ୍, ଡା. ଅର୍ପିତା ଆଚାର୍ଯ୍ୟ, ଡା.ମୃତ୍ୟୁଞ୍ଜୟ ସାମଲ, ଡା. ଶତାବ୍ଦୀ ସାହୁ, ଡା.ରଞ୍ଜିତ କୁମାର ପଣ୍ଡା, ଡା. ସ୍ୱାତୀ ସାହୁ ଓ ଡା. ତୃପ୍ତିତା ସାହୁ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ହିମାଂଶୁ ଭୂଷଣ ସାହୁ, ହସ୍ପିଟାଲ ମ୍ୟାନେଜର ସୌମ୍ୟରଞ୍ଜନ ସାହୁ, ଫାର୍ମାସିଷ୍ଟ ଶକ୍ତି ପ୍ରସାଦ ନାୟକ, ଅଭିଜିତ ନାୟକ ପ୍ରମୁଖ ସେବିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଡ. ନିରଞ୍ଜନ ବାରିକ, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ବସନ୍ତ ଦାସ ଓ ନୃସିଂହ ନନ୍ଦ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡ. ସୁଦର୍ଶନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଡିଜି ଗୋପବନ୍ଧୁ ମଲ୍ଲିକ, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ପୃଷ୍ଟି, ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ସାମାଜିକ କର୍ମୀ ରବିନାରାୟଣ ପଣ୍ଡା, ନିର୍ମଳା ବାରିକ, ତପସ୍ୱିନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଲୋକାଭିମୁଖୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଆହ୍ୱାନ

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲାସ୍ତରୀୟ ବୈଠକ

ଭଦ୍ରକ, ୨।୩(ସନାତନ ରାଉତ)

ଭଦ୍ରକ ଜିଲ୍ଲା ଭାଜପା କାର୍ଯ୍ୟାଳୟରେ ସୋମବାର ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ଜିଲ୍ଲାସ୍ତରୀୟ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଜିଲ୍ଲା ପ୍ରଭାରୀ ସଞ୍ଜୀବ ମହାନ୍ତି ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ



ବୈଠକରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ସହ ଭାଜପା ନେତୃବୃନ୍ଦ।

ଏକାତ୍ମ ମାନବବାଦ ଓ ଜୀବନଶୈଳୀ ବିଷୟରେ ଆଲୋକପାତ କରିଥିଲେ। ଦଳୀୟ କର୍ମୀଙ୍କ ଚିନ୍ତାଧାରା, ଶୃଙ୍ଖଳା ଓ ସେବାଭାବକୁ ମଜଭୁତ କରିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭଣ୍ଡାରିପୋଖରୀ ନେତା ଡ. ସୁଧାଂଶୁ ଶେଖର ନାୟକ, ବାସୁଦେବପୁର ବିଧାନସଭା କ୍ଷେତ୍ର ନେତା ବାଣୀକଲ୍ୟାଣ ମହାନ୍ତି, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଅଜୟ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁଙ୍କ ସମେତ ଜିଲ୍ଲା ଓ ମଣ୍ଡଳସ୍ତରୀୟ ସଙ୍ଗଠନର କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।







ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆର ବଡ଼ବାଡି କାଜୁବଣରେ ଲାଗିଥିବା ନିଆଁ।

# କାଜୁ ଜଙ୍ଗଲରେ ନିଆଁ

## ଜଳିଗଲା ୩ଶହ ଏକରରୁ ଊର୍ଦ୍ଧ୍ୱ ଗଛ

ଜଳେଶ୍ୱର, ୨।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଶହ ଶହ ଏକର ଜଙ୍ଗଲ ସମ୍ପଦ ନଷ୍ଟ ହୋଇଯାଇଛି। ବିଶେଷ କରି କାଜୁ ଏବଂ ଶାଳ ଜଙ୍ଗଲକୁ ନିଆଁ ବ୍ୟାପିବା ଫଳରେ କୋଟି କୋଟି ଟଙ୍କାର ସମ୍ପଦ ପୋଡ଼ି ପାଉଁଶ ହୋଇଯାଇଛି। ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରାୟ ୩୦୦ ଏକରରୁ ଅଧିକ ଜଙ୍ଗଲ ଜଳିଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟା ବେଳେ ରାଇବଣିଆର ବଡ଼ବାଡି କାଜୁବଣରେ ପ୍ରଥମେ ନିଆଁ ଦେଖାଦେଇଥିଲା। ପାଖାପାଖି ୧୩୫ ଏକର ପରିମିତ ଏହି ବଣରେ ଶୁଖିଲା ପତ୍ର ଓ ଲତା ଥିବାରୁ ନିଆଁ ଅତିଶୀଘ୍ର ବ୍ୟାପି ଯାଇଥିଲା। ସ୍ଥାନୀୟ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ ଏବଂ ଗ୍ରାମର ଯୁବକମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ପରେ ଜଳେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ସେହିପରି ରୂପାଦୀଘି ଗାଁ ନିକଟସ୍ଥ ବାଉଁଶବଣରେ ମଧ୍ୟ ନିଆଁ ଲାଗି ବାହାରଗଡ ଗ୍ରାମମୁହାଁ ହୋଇଥିଲା। ଯାହାକୁ ଅଗ୍ନିଶମ ବାହିନୀ ଠିକ୍ ସମୟରେ ଅଟକାଇବାରେ ସଫଳ ହୋଇଥିଲେ। ରାଇବଣିଆ ଅଞ୍ଚଳର ଏକ ତୃତୀୟାଂଶ ଜଙ୍ଗଲ ହୋଇଥିବା ବେଳେ ଏଠାରେ ପ୍ରାୟ ୧୧୦୦ ଏକର କାଜୁ ବଣ ଏବଂ ୨୨୦୦ ହେକ୍ଟର ଶାଳ ଜଙ୍ଗଲ ରହିଛି। ଏହି ଜଙ୍ଗଲଜାତ ଦ୍ରବ୍ୟ ଓ ବାଉଁଶ ଉପରେ ସ୍ଥାନୀୟ ଗରିବ ଶ୍ରେଣୀର ଲୋକଙ୍କ ଜୀବିକା ନିର୍ଭର କରିଥାଏ। ନିଆଁରେ କାଜୁ ଗଛଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚଳିତବର୍ଷ କାଜୁ ନିଲାମ ଧରିଥିବା ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଗଭୀର ଚିନ୍ତାରେ ପଡ଼ିଛନ୍ତି। କେତେକ ଅସାମାଜିକ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏତେ ବଡ଼ ଅଘଟଣ ଘଟୁଥିଲେ ମଧ୍ୟ ଓଡ଼ିଶା କାଜୁ ନିଗମ ଏହାର ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାଜୁ ନିଗମ ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛି, ହେଲେ ବଣ ସୁରକ୍ଷା ପାଇଁ ସେମାନଙ୍କ ପାଖରେ କୌଣସି ଯୋଜନା ନାହିଁ। ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କ୍ଷତିଗ୍ରସ୍ତ ଚାଷୀ ଓ ନିଲାମଧାରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ଜୋର ଧରିଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ସୋର, ୨।୩(ଜନ୍ମେଜୟ ମିଶ୍ର)

ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହି ଗ୍ରାମର ଜଣେ ବୃଦ୍ଧ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହି ଗ୍ରାମର ଶ୍ରୀଧର ପାତ୍ର ଅନ୍ୟମାନଙ୍କ ସହ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଏକ ହାତୀ ଆକ୍ରମଣ କବଳରୁ ଅନ୍ୟମାନେ ଖସି ଆସିଥିବା ବେଳେ ଶ୍ରୀଧର ହାବୁଡରେ ପଡି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତଥା ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

# ଆମେରିକାର ସାମ୍ରାଜ୍ୟବାଦ ବିରୋଧରେ ସିପିଏମ୍‌ର ପ୍ରତିବାଦ

ଜଳେଶ୍ୱର, ୨।୩(ନବୀନ ସାହୁ)

ଆମେରିକା ଓ ଇସ୍ରାଏଲର ଯୁଦ୍ଧଖୋର ମନୋଭାବ ଏବଂ ଇରାନ ଉପରେ ବର୍ବରୋଚିତ ଆକ୍ରମଣ ବିରୋଧରେ ସୋମବାର ପୂର୍ବାହ୍ନ ୧୦ଟାରେ ଜଳେଶ୍ୱର ହାଟଛକଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ଆମେରିକାର 'ଦାଦାଗିରି' ଓ ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନକୁ ତୀବ୍ର ନିନ୍ଦା କରିଥିଲେ। ଶତାଧିକ ନୀରିହ ଶିଶୁଙ୍କ ହତ୍ୟା ଏବଂ ଅନ୍ୟ ଦେଶର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିବା ଆମେରିକାର ଅସଲମୁଖାକୁ ପଦାରେ ପକାଇଛି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ଏହି ସାମ୍ରାଜ୍ୟବାଦୀ ନୀତି ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରୁଥିବାରୁ ବିଶ୍ୱବାସୀ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସୀତାଂଶୁ ସେନାପତି, ଦିଲୀପ ଗିରି, ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଦିପ୍ତୀମାନ ଆଚାର୍ଯ୍ୟ, ମମି ପଣ୍ଡା, ଧୀରେନ୍ଦ୍ର ନାଥ ଦେ, ରାଜୀବ ପଣ୍ଡା, ସବିତା ଭୂୟାଁ, ଭାଗବତ ପ୍ରଧାନ, କାର୍ତ୍ତିକ ସିଂ, ସାଇମା ବିବି, ବିମଳା ଦାସ ଓ ମାନସ ସିଟ୍ ଯୋଗଦେଇ ବିଶ୍ୱଶାନ୍ତି କାମନା କରିଥିଲେ।

# ଦଶମ ଶ୍ରେଣୀ ଇଂଲିଶ ପ୍ରଶ୍ନପତ୍ରରେ ତ୍ରୁଟି ଦର୍ଶାଇଲେ ଅବସରପ୍ରାପ୍ତ ଶିକ୍ଷକ

## ବୋର୍ଡ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଲେ




'ବି' ସେଟ୍‌ର ପ୍ରଶ୍ନ ପତ୍ର।

ସିମୁଳିଆ, ୨।୩(ସନ୍ତୋଷ ନାୟକ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଗତ ୧୯ରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ତେବେ ଚଳିତବର୍ଷର ଇଂଲିଶ ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ରହିବା ସମ୍ପର୍କରେ ଖଇରା ବ୍ଲକ ଅଧୀନ ଅନ୍ତରା ମହତୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସିମୁଳିଆ ବ୍ଲକ ଅଧୀନ ମାର୍କୋଣା ଅଞ୍ଚଳର କୃତ୍ତିବାସ ପଣ୍ଡା ଲିଖିତ ଭାବେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଇଂରାଜୀ 'ବି' ସେଟ୍‌ର ୪୮ନଂ. ପ୍ରଶ୍ନଟି ତ୍ରୁଟିପୂର୍ଣ୍ଣ ଅଟେ। ପ୍ରଶ୍ନରେ କୁହାଯାଇଛି ଯେ, ଉପରୋକ୍ତ ବାକ୍ୟ କେଉଁ ଖଣ୍ଡବାକ୍ୟ। ସମ୍ପୂର୍ଣ୍ଣ ବାକ୍ୟଟି ଖଣ୍ଡବାକ୍ୟ ହୋଇପାରିବ ନାହିଁ। ସେ ବାକ୍ୟରେ ଖଣ୍ଡବାକ୍ୟଟିକୁ ରେଖାଙ୍କିତ କରିବା କଥା ନଚେତ୍ ବାକ୍ୟ କି ପ୍ରକାରର ପଚରାଯାଇଥିଲେ ପିଲାମାନେ ଠିକ୍ ଉତ୍ତର ଦେଇପାରିଥାଆନ୍ତେ। ତେଣୁ ପ୍ରଶ୍ନଟି ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଅଟେ। ସେହିପରି 'ବି' ସେଟର ୩ନଂ. ପ୍ରଶ୍ନଟି ମଧ୍ୟ କୁହେଳିକା ପୂର୍ଣ୍ଣ ଅଟେ । ବିରାମ ଚିହ୍ନ ପାଇଁ ପ୍ରଶ୍ନଟି ଉର୍ଦ୍ଦିଷ୍ଟ। ଦଶମ ଶ୍ରେଣୀ ପାଇଁ ବିରାମ ଚିହ୍ନ ପାଠ୍ୟପୁସ୍ତକରେ ନାହିଁ। ତେଣୁ ପ୍ରଶ୍ନକର୍ତ୍ତା ଏହି ବିଷୟ ପ୍ରତି ଧ୍ୟାନଦେବା ଉଚିତ୍ ଥିଲା। ବ୍ୟାକରଣ ବହିରେ ଅନ୍ତର୍ଗତ ଥିବା ଅନ୍ୟକୌଣସି ବିଷୟରୁ ପ୍ରଶ୍ନ ଆସିଥିଲେ ଭଲ ହୋଇଥାଆନ୍ତା, ପାଠ୍ୟପୁସ୍ତକ ବାହାରୁ ଏହି ପ୍ରଶ୍ନ ପଚାରି ପିଲାମାନଙ୍କୁ ଭ୍ରମିତ କରାଯାଇଛି। ଯଦିଓ ଏହି ବାକ୍ୟଟି ପୁସ୍ତକରେ ଅଛି ତାହା ବିରାମ ଚିହ୍ନ ପାଇଁ ନୁହେଁ। ସେହି ବାକ୍ୟଟି ଯୌଗିକ ବାକ୍ୟ ପାଇଁ ରହିଛି। ତେଣୁ ଅଧିକାଂଶ ପିଲା ଏହାର ଠିକ୍ ଉତ୍ତର ଦେଇ ପାରି ନ ଥିବେ ବୋଲି ପୂର୍ବତନ ପ୍ରଧାନ ଶିକ୍ଷକ କୃତ୍ତିବାସ ସୂଚନା ଦେଇଛନ୍ତି।

# କାହାଳିଆରେ ଗୋଷ୍ଠୀ ସଂଘର୍ଷ, ୫ ଆହତ

ନୀଳଗିରି, ୨।୩(ପ୍ରଶାନ୍ତ ବିଶ୍ୱାଳ)

ଦୋଳଠାକୁରଙ୍କ ପୂଜାକୁ ନେଇ ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୧୦ନଂ ୱାର୍ଡ଼ କାହାଳିଆ ଗ୍ରାମରେ ଗୋଷ୍ଠୀସଂଘର୍ଷ ଘଟି ୫ଜଣ ଆହତ ହୋଇଛନ୍ତି। କାହାଳିଆ ମୌଜା ଚକ୍ରଧରପୁର ବ୍ରାହ୍ମଣଶାସନରେ ରାସବିହାରୀ ଜୀଉଙ୍କ ଦୋଳଉତ୍ସବ ଉପଲକ୍ଷେ ସୋମବାର ଅନୁଷ୍ଠିତ ମେଳଣ କାର୍ଯ୍ୟକ୍ରମରେ ଶ୍ରୀବିଗ୍ରହ ପ୍ରଥମେ ବ୍ରାହ୍ମଣଶାସନର ପ୍ରତି ଘରକୁ ଯାଇ ପୂଜା ପାଇଥିଲେ। ପୂଜାସମ୍ପନ୍ନ ପରେ ପରେ ଗ୍ରାମର ପରମ୍ପରା ଅନୁଯାୟୀ ଅନ୍ୟ ସମ୍ପ୍ରଦାୟର ଲୋକମାନେ ଆସି ଠାକୁରଙ୍କୁ ପୂଜାବିଧି କରିବା ପାଇଁ ନେବା ସମୟରେ ବ୍ରାହ୍ମଣ ସମ୍ପ୍ରଦାୟର କିଛି ଲୋକ ବାରଣ କରିଥିଲେ ଏବଂ ଠାକୁର ଯାଇପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ମଧ୍ୟରେ ଉଭୟପକ୍ଷ ମଧ୍ୟରେ ସଂଘର୍ଷ ହୋଇଥିଲା। ପରେ ଚକ୍ରଧରପୁର ଶାସନର କେତେଜଣ ବ୍ରାହ୍ମଣଲୋକ କାହାଳିଆ ଗ୍ରାମର କେତେଜଣ ମହିଳା ଏବଂ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପଥର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଉକ୍ତ ଗ୍ରାମର ମନୋରଞ୍ଜନ ମହାରଣାଙ୍କ ସ୍ତ୍ରୀ ପ୍ରତିମା (୨୮), ସମରେନ୍ଦ୍ର ମହାରଣାଙ୍କ ସ୍ତ୍ରୀ ପ୍ରିୟଙ୍କା (୩୦), ଚିତ୍ତରଞ୍ଜନ ମହାରଣାଙ୍କ ସ୍ତ୍ରୀ ଚିନ୍ମୟୀ (୨୨), ଜୟନ୍ତ ମହାରଣାଙ୍କ ସ୍ତ୍ରୀ ସରସ୍ୱତୀ(୩୦) ଏବଂ ଉକ୍ତ ଗ୍ରାମର ଖବରଦାତା ପ୍ରଫୁଲ୍ଲ ମହାନ୍ତି ଗୁରୁତର ଆହତ ହୋଇଛନ୍ତି। ନୀଳଗିରି ପୋଲିସ ପହଞ୍ଚି ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରାଇଛି। ଏନେଇ ପ୍ରଫୁଲ୍ଲଙ୍କ ପୁଅ ମନୋଜ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବ୍ରାହ୍ମଣଶାସନ ତରଫରୁ ଏକାଧିକ ଗ୍ରାମବାସୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାବେଳକୁ ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକ ହସ୍ପିଟାଲ ଯାଇ ଆହତଙ୍କ ବୟାନ ନେଇଛନ୍ତି। ଏନେଇ ଥାନା ପକ୍ଷରୁ ୩ ପୃଥକ୍ ମାମଲା (ନଂ. ୧୧୨/୨୬, ୧୧୩/୨୬ ଓ ୧୧୪/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ୧୬୩ ଅଭିଯୋଗର ହେଲା ଶୁଣାଣି
# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି



ଜିଲାପାଳ ଓ ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ବାଲେଶ୍ୱର, ୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୩ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୩୧ଟି ବ୍ୟକ୍ତିଗତ, ୧୦ଟି ସାମୂହିକ, ୨୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୩୭ଟି ଅଭିଯୋଗର ତତକ୍ଷଣାତ୍ ଫଇସଲା ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ଉପଜିଲାପାଳ ଶିବ ମାଲବୀୟ, ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଚେକ୍ ବାଉନ୍ସ ଅଭିଯୋଗରେ ଯୁବକ କୋର୍ଟଚାଲାଣ

ବାହାନଗା, ୨।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଜାଗେଶରପଦା ଗ୍ରାମର ଚେକ୍‌ବାଉନ୍ସ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଜାଗେଶରପଦା ଗ୍ରାମର ରଘୁନାଥ ଲେଙ୍କାଙ୍କ ନାମରେ ୨୦୧୮ରେ ଦିବାକର ଲେଙ୍କା କୋର୍ଟରେ ଚେକ୍ ବାଉନ୍ସ ହୋଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୋର୍ଟରେ ଆଇପିସି ନମ୍ବର ଏକ ମାମଲା(ନଂ. ୩୬୮/୨୦୧୮) ରୁଜୁ ହୋଇଥିଲା। ଏହି ମାମଲା ଅନୁଯାୟୀ ରଘୁନାଥଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ସେହି ୱାରେଣ୍ଟ ଅନୁଯାୟୀ ଗୋପାଳପୁର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ରଘୁନାଥ ୯ଲକ୍ଷ ଟଙ୍କାର ଚେକ୍ ଦିବାକରଙ୍କୁ ଦେଇଥିଲେ, ଯାହାର ନମ୍ବର ୬୯୯୯୦୮ ଅଟେ। ସେହି ଚେକ ବ୍ୟାଙ୍କରେ ବାଉନ୍ସ ହେବାରୁ ଦିବାକର ଲେଙ୍କା ତା୫। ୪। ୨୦୧୮ରିଖରେ କୋର୍ଟରେ ଚେକ ବାଉନ୍ସ ମାମଲା ରୁଜୁ କରିଥିଲେ।

# ମହାକାଳେଶ୍ୱର ପୀଠରେ ଶିବଲିଙ୍ଗ ପ୍ରତିଷ୍ଠା ଉତ୍ସବ

ବାହାନଗା, ୨।୩(ଅରୂପ କୁମାର ଦାସ)

ବାହାନଗା ବ୍ଲକସ୍ଥିତ ବାହାନଗା ପଞ୍ଚାୟତର ଗନ୍ଧିଣା ଗ୍ରାମର ମହାକାଳେଶ୍ୱରପୀଠରେ ନିର୍ମାଣ ହେଉଥିବା ନୂତନ ମନ୍ଦିରରେ ଶିବ ଲିଙ୍ଗ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୀଳଗିରିସ୍ଥିତ ଦେବଗିରି ପାହାଡରୁ ପଥର ଆଣି ବଉଳଗଡିଆ ଗ୍ରାମରେ ଶିବଲିଙ୍ଗ ତିଆରି ହୋଇଥିଲା। ଏହି ଲିଙ୍ଗଟି ସାଢେ ୮ଫୁଟ ଲମ୍ବ ଓ ଗୋଲେଇ ୧୫ଫୁଟ। ସୋମବାର ଶିବ ଲିଙ୍ଗକୁ ଗ୍ରାମବାସୀ ଏକ ଖୋଲା ଟ୍ରକରେ ଫୁଲରେ ସଜ୍ଜିତ କରି ଶୋଭାଯାତ୍ରାରେ ଗାଁକୁ ଆଣି ଅଧାନିର୍ମାଣ ମନ୍ଦିର ଗର୍ଭଗୃହ ଭିତରକୁ ପ୍ରବେଶ କରାଇ ସ୍ଥାପନ କରାଇଥିଲେ। ମନ୍ଦିର ନିର୍ମାଣ ସରିବା ପରେ ଏତେବଡ ଲିଙ୍ଗ ଭିତରକୁ ପଶିପାରିବ ନାହିଁ। ତେଣୁ ଅଧା ନିର୍ମାଣ ପରେ ସୋମବାର ପୂଜା ଅର୍ଚ୍ଚନା କରି ଗର୍ଭଗୃହରେ ଲିଙ୍ଗ ସ୍ଥାପନ କରିଥିଲେ। ଭଗବାନ ମହାପାତ୍ର, ନିତ୍ୟାନନ୍ଦ ସାହୁ, ନିମାଇଁ ସାହୁ, କାର୍ତ୍ତିକ ମହାଳିକ, ଶ୍ୟାମସୁନ୍ଦର ସାହୁ, ସଚିନ୍ଦ୍ର ବେହେରା, ଗଜେନ୍ଦ୍ର ବେହେରା ପ୍ରମୁଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।



ଶିବ ଲିଙ୍ଗକୁ ଗ୍ରାମବାସୀ ଏକ ଖୋଲା ଟ୍ରକରେ ଶୋଭାଯାତ୍ରାରେ ଆଣୁଛନ୍ତି।

# ପିଲା ଚୋର ସନ୍ଦେହ: ମାନସିକ ବିକୃତଙ୍କୁ ବାନ୍ଧି ପିଟିଲେ

ଭୋଗରାଇ, ୨।୩(ପ୍ରଦୀପ ଦାସ)

ପିଲା ଚୋର ଗୁଜବ ଏବେ ଚାରିଆଡେ ବ୍ୟାପିଛି। ନିକଟରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ରାଜନଗର ଗ୍ରାମଠାରେ ପଶ୍ଚିମବଙ୍ଗର ୨ଜଣ ବିଏଲଓ ( ନିର୍ବାଚନ ଅଧିକାରୀ)ଙ୍କୁ ପିଲାଚୋର ସନ୍ଦେହରେ ସ୍ଥାନୀୟ ଲୋକେ ବାନ୍ଧି ନିର୍ଘୁମ ପିଟିବା ପରେ ପୋଲିସ ସେଠାରୁ ୯୭ଜଣ ଗ୍ରାମବାସୀଙ୍କୁ ଗିରଫ କରିଛି। ଏଭଳି ସ୍ଥିତିରେ ଭୋଗରାଇ ବ୍ଲକ ଦେଉଳା ହାଟରେ ସୋମବାର ଅନୁରୂପ ଭାବେ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କୁ ସାହି ଲୋକେ ପିଲାଚୋର ସନ୍ଦେହରେ ବାନ୍ଧି ପିଟାପିଟି କରିବାରୁ ସେ ଗୁରୁତର ହୋଇଛନ୍ତି। ଖବରପାଇ ଭୋଗରାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକତ୍ସା ନିମନ୍ତେ ପଠାଇଛି। କାହାକୁ ଅନ୍ୟାୟ ଭାବେ ପିଟାପିଟି କଲେ କିମ୍ବା ଗୁଜବ ପ୍ରଚାର କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସତର୍କ କରାଯାଇଛି ।

# 'ଚାପମୁକ୍ତ ପାଇଁ ସାମାଜିକ କାର୍ଯ୍ୟକ୍ରମ ସହ ଜଡ଼ିତ ରୁହନ୍ତୁ ବୟସ୍କ'



ଖଇରା ମାଟିର ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

ଖଇରା, ୨।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମ୍ମିଳନୀ ଶନିବାର ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ନାରାୟଣ ସାହୁ ମୁଖ୍ୟବକ୍ତା, ଆଜିକାଲି ଖବରକାଗଜର ପ୍ରକାଶକ କିଶୋର ଦାସ ମୁଖ୍ୟବକ୍ତା, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅପରାହ୍ନରେ ବୟସ୍କମାନେ ଚାପମୁକ୍ତ ହେବାକୁ ସାମଜିକ କାର୍ଯ୍ୟକ୍ରମ ସହ ଜଡିତ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଖଇରା ମାଟିର ଗୌରବ ଭାବେ ବିଶିଷ୍ଟ ଡାକ୍ତର ଶଶିଭୂଷଣ ରାଉତ, ଡା ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ହରେକୃଷ୍ଣ ଦାଶ, ବାଗ୍ମୀ ଡଃ ବ୍ରଜମୋହନ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦିବଂଗତ ସଦସ୍ୟ ହରେକୃଷ୍ଣ କୁଅଁର ଓ ବାଞ୍ଛାନିଧି ରାଉତଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ମାନପତ୍ର ପାଠ, ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ ତଥା ଅନାମ ଚରଣ ପଣ୍ଡା, ମହେନ୍ଦ୍ର ପ୍ରସାଦ କବି ଓ ନାରାୟଣ ପେଡା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ତଣ୍ଡବାଙ୍କଘାଟରେ ଜଳସମସ୍ୟା ଉତ୍କଟ


ମହିଳାମାନେ ନିକଟସ୍ଥ ଗ୍ରାମରୁ ପାଣି ବୋହି ଆଣୁଛନ୍ତି।

**ପାଟଣା,୨।୩ (ବୀର କିଶୋର ଦାଶ)**

## ନଳକୂପ ଅଚଳ, ୩ କି.ମି. ଦୂରରୁ ପାଣି ଆଣୁଛନ୍ତି ମହିଳା

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡବାଙ୍କଘାଟ ସାହିରେ ଜଳ ସମସ୍ୟା ଉତ୍କଟ ହୋଇଛି। ଗ୍ରାମରେ ଥିବା ଏକ ମାତ୍ର ନଳକୂପ ୨୦ଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗ୍ରାମର ମହିଳା ୩ କି.ମି. ଦୂରରୁ ପାଣି ବୋହି ଆଣୁଛନ୍ତି। ପ୍ରକାଶ ଯେ, ସାହିରେ ୮୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସାହିରେ ଜଳଉସ ଭାବେ ଏକମାତ୍ର ନଳକୂପ ଥିବା ବେଳେ ତାହା ୨୦ଦିନ ହେବ ଅଚଳ ହୋଇପଡ଼ିଛି। ଅଭିଯୋଗ ସତ୍ତ୍ୱେ ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଲୋକେ ଜଳକଷ୍ଟ ଭୋଗ କରୁଛନ୍ତି। ୩ କି.ମି. ଦୂର ଘାଟବାଲିଯୋଡି ଗ୍ରାମରୁ ମହିଳାମାନେ ଗରା, ବାଲ୍ଟି ଧରି ଧାଡ଼ି ଲଗାଇ ପାଣି ଆଣୁଛନ୍ତି। ୨୦ଦିନ ପୂର୍ବରୁ ଗ୍ରାମର ମଳୟ ଗିରି, ବାସୁଦେବ ନାଏକ, ଯଦୁମଣି ଗିରି, ମାମି ନାଏକ ଓ ଅଖିଳଚନ୍ଦ୍ର ନାଏକ ସ୍ଥାନୀୟ ସରପଞ୍ଚ ଗୌରହରି ନାଏକଙ୍କୁ ଦାବିପତ୍ର ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ନଳକୂପ ମରାମତି ହୋଇପାରିନାହିଁ। ଏ ନେଇ ଡୁମୁରିଆ ପିଇଓ ସୁଧାଂଶୁ ପାଇକରାୟଙ୍କୁ ପଚାରିବାରୁ ୫ ଦିନ ତଳେ ସେମାନେ ଦରଖାସ୍ତ କରିଥିଲେ। ସେ ବିଷୟରେ ପାଟଣା ବିଡିଓଙ୍କୁ ଜଣାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

# ପର୍ବପର୍ବାଣିକୁ ନେଇ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ପୋଲିସ ଫୋର୍ସ ସହରରେ ଫ୍ଲାଗମାର୍ଚ୍ଚ କରୁଛି।

**ଯୋଡ଼ା,୨।୩ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ବିଭିନ୍ନ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ଯୋଡ଼ା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପାଇଁ ସୋମବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ତତ୍ତ୍ୱାବଧାନରେ ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ହୋଲି ଖେଳିବା ପାଇଁ ଯୋଡ଼ା ପୋଲିସ ଫ୍ଲାଗମାର୍ଚ୍ଚ କରି ସଚେତନ କରାଇଛି। ନିଶା ସେବନ କରି ରାସ୍ତାଘାଟରେ ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସଚେତନ ପ୍ରଦାନ କରାଯାଇଥିଲା।

# ଗ୍ୟାସ ସିଲିଣ୍ଡର ଓଜନ କମ୍‌କୁ ନେଇ ଉତ୍ତେଜନା

**ବଉଳା,୨।୩(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡିହି ବ୍ଲକ୍ ବିଦ୍ୟାଧରପୁରରେ ଏକ ଗ୍ୟାସ ଏଜେନ୍ସିର ସିଲିଣ୍ଡର ଓଜନ କମ୍‌କୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ପରେ ତରବରିଆ ଭାବେ ଟାଙ୍କି ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଏକ ପିକ୍‌ଅପ୍‌ରେ ନନ୍ଦିପଦା ଥାନା ମରେଇଗାଁ ଅଞ୍ଚଳରେ ସିଲିଣ୍ଡର ଯୋଗାଣ ହେଉଛି। ସୋମବାର ଜଣେ ଗ୍ରାହକ ଟାଙ୍କିକୁ ଓଜନ କରିଥିବା ବେଳେ ୨.୫୦୦ କେ.ଜି କମ୍‌ଥିବା ଗ୍ରାହକ ବଳରାମ ଭୋଳ ଓ ଜଗନ୍ନାଥ ସାହୁ ଅଭିଯୋଗ କରିଥିଲେ। ଏହାକୁ ନେଇ ଡ୍ରାଇଭରଙ୍କ ସହିତ ଯୁକ୍ତିତର୍କ ହେବା ସହିତ ଓଜନ କରାଯାଇଥିଲା। ୨.୫୦୦ କେ.ଜି କମ୍ ଥିବା ଧରାପଡ଼ିଥିଲା। ଏ ନେଇ ଗ୍ୟାସ୍ ଏଜେନ୍ସି ମାଲିକଙ୍କ ସହିତ ଆଲୋଚନା ପରେ ଗ୍ରାହକଙ୍କୁ ଅନ୍ୟ ଏକ ଟାଙ୍କି ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଡ୍ରାଇଭରଙ୍କୁ ପଚାରିବାରୁ ଗ୍ରାହକଙ୍କ ଗ୍ୟାସ ଟାଙ୍କିର ଓଜନ କମ୍ ଥିଲା। ପରେ ପରିବର୍ତ୍ତନ କରି ଠିକ୍ ଗ୍ୟାସ ଟାଙ୍କି ଦିଆଯାଇଥିଲା। ଟାଙ୍କି କମ୍ ଦେଉଥିବା କଥାକୁ ଅସ୍ୱୀକାର କରିବା ସହିତ କେମିତି କମିଯାଇଛି, ଜାଣି ନାହାନ୍ତି ବୋଲି କହିଥିଲେ। ଏନେଇ ଏଜେନ୍ସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଗାଧୁଆଘାଟ ନିର୍ମାଣ ବନ୍ଦକଲେ ଗ୍ରାମବାସୀ


ମନ୍ଦିର କମିଟି ସଦସ୍ୟ ଓ କାଉନ୍‌ସିଲର।

**ଚମ୍ପୁଆ,୨।୩(ମହେଶ୍ୱର ଦାସ)**

## ନିମ୍ନମାନର କାମ ଅଭିଯୋଗ

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୁଳିଠାରେ ଥିବା ବିଶ୍ୱରୂପାୟ ମହାଦେବ ମନ୍ଦିର ନିକଟରେ ନିର୍ମାଣ କରାଯାଉଥିବା ଗାଧୁଆ ଘାଟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ସୂଚନା ଫଳକ ନ ଲଗାଇ କାର୍ଯ୍ୟ କରାଯାଉଥିବାରୁ ମନ୍ଦିର କମିଟି, ସ୍ଥାନୀୟ କାଉନ୍‌ସିଲର ଓ ଗ୍ରାମବାସୀ ସୋମବାର କାର୍ଯ୍ୟଟିକୁ ବନ୍ଦ କରିଛନ୍ତି।

ସୂଚନା ଅନୁସାରେ, କିଛି ଦିନ ପୂର୍ବେ ବୈତରଣୀ ଡିଭିଜନ ପକ୍ଷରୁ ଉକ୍ତ ସ୍ଥାନରେ ଏକ ଗାଧୁଆ ଘାଟ ନିର୍ମାଣ କରାଯାଉଛି। ମାତ୍ର ଠିକାଦାର ସୂଚନା ଫଳକ ନ ଲଗାଇ କାର୍ଯ୍ୟ କରୁଥିବା ବେଳେ ନିମ୍ନମାନର ବାଲି ଏବଂ ଭାଗମାପ ପରିମାଣ ସହିତ ଗାତ ନ ଖୋଳି କଟ୍‌ପୱାଲ ଆଦି କାର୍ଯ୍ୟ କରୁଛନ୍ତି। ଭବିଷ୍ୟତରେ ବୈତରଣୀ ନଦୀର ବଢ଼ି ଆସିଲେ ଏହା ଧୋଇଯିବାର ସମ୍ଭାବନା ରହିଥିବାରୁ ସ୍ଥାନୀୟ କାଉନ୍‌ସିଲର ଛତ୍ରପତି ନାଏକଙ୍କ ସମେତ ସହିତ ମନ୍ଦିର କମିଟି ସଦସ୍ୟମାନେ କାମକୁ ବିରୋଧ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ କରିବାକୁ ଦାବି କରି କାମ ବନ୍ଦ କରାଯାଇଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ କାଉନ୍‌ସିଲର ଛତ୍ରପତି ନାଏକଙ୍କ କହିବା ଅନୁଯାୟୀ, ଗ୍ରାମବାସୀଙ୍କ ଅଜାଣତରେ ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରାଯାଉଥିଲା। ଗ୍ରାମବାସୀ ତାଙ୍କୁ ସୂଚନା ଦେବାରୁ ସେ ଓ ମନ୍ଦିର କମିଟି ସଦସ୍ୟ ପହଞ୍ଚି କାର୍ଯ୍ୟ ବନ୍ଦ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ସୂଚନା ଫଳକ ଲଗାଇ ଠିକ୍ ଭାବରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି। ପୂର୍ବରୁ ଗ୍ରାମବାସୀଙ୍କ ଦ୍ୱାରା ଏହି ନିମ୍ନମାନର କାର୍ଯ୍ୟ ବନ୍ଦ କରାଯାଇଥିବା ବେଳେ ଅଧିକାରୀଙ୍କ ଯାଞ୍ଚ ପରେ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଲା। ମାତ୍ର ମଧ ଆଜି ପର୍ଯ୍ୟନ୍ତ ସେମାନେ ଆସି ନ ଥିବା କାଉନ୍‌ସିଲର ନାଏକ ସୂଚନା ଦେଇଛନ୍ତି।

# ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବି

**କେନ୍ଦୁଝର,୨।୩(ଦୀପକ ମିଶ୍ର)**

## ଜିଲା ମୁଖ୍ୟ ଚିକିତ୍ସାଳୟ

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏ ନେଇ ସୋମବାର କେନ୍ଦୁଝର ଦରବାର ହଲଠାରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଭଏସ୍‌ଅଫ୍ କେନ୍ଦୁଝରର ଅଧ୍ୟକ୍ଷ ଡ. ସନ୍ଦିପ ପଟ୍ଟନାୟକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ୨୦୦୫ରୁ କ୍ରୟ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଉପାଦାନ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ହେଉନାହିଁ। ଏ ନେଇ ସେ ପ୍ରଥମ ଅଭିଯୋଗ ଫେବୃଆରୀ ୨୦୨୪ରେ ଦାଖଲ କରିଥିଲେ। କିନ୍ତୁ ୨ ବର୍ଷ ବିତିସାରିଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇ ନ ଥିବା ପ୍ରକାଶ କରିଥିଲେ। ସମ୍ପୂର୍ଣ୍ଣ ରକ୍ତ କୌଣସି ରୋଗୀଙ୍କ ପାଇଁ ଆବଶ୍ୟକ ନୁହେଁ। ତେଣୁ କମ୍ପୋନେଣ୍ଟ ପୃଥକୀକରଣ ୟୁନିଟ୍ ଆରମ୍ଭ ହୁଏ। ଗୋଟିଏ ୟୁନିଟ୍ ରକ୍ତରେ ୩ ଜଣ ଲାଭଦାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ବିଚାର କରି ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଡିଏମ୍‌ଓ ବିନୋଦ ବିହାରୀ ମିଶ୍ର କହିଛନ୍ତି, ତଦନ୍ତ ପରେ ଏହା ଜାଣିବାକୁ ମିଳିଛି, ଏହାକୁ ୨୦୨୦ ମଧ୍ୟରେ ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ଫେରାଇ ଆଣିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବେ।

# ନାବାଳକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ପାଟଣା,୨।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ଫୁଲ ପାହାଡି ଗ୍ରାମର ମୁଣ୍ଡାସାହିରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଭାବେ ଜବତ ହୋଇଛି। ମୃତକ ହେଲେ ଗୋପିନାଥ ମୁଣ୍ଡାଙ୍କ ପୁଅ ରାଜେଶ ମୁଣ୍ଡା(୧୬)। ପୁଅଙ୍କୁ କେହି ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ଗୋପିନାଥ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରବିବାର ସନ୍ଧ୍ୟାରେ ରାଜେଶଙ୍କ ମୃତଦେହ ହୁଡ଼ିର ଏକ ଗଛରେ ଝୁଲୁଥିବା ଦେଖି ଗୋପିନାଥ ପାଟଣା ପୋଲିସକୁ ସୂଚନା ଦେଇଥିଲେ। ପୁଅକୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଛି ବୋଲି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ଫୋନ କଲ ରେକର୍ଡକୁ ଆଧାର କରି ତଦନ୍ତ ଚାଲିଥିବା ଏଏସ୍‌ଆଇ ଗୌର ହରି ଗର୍ଦ୍ଦିଆ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହାକିଛି କହି ହେବେ ବୋଲି ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି। ପାଟଣା ଥାନାରେ ପ୍ରାଥମିକ ଭାବେ ମାମଲା(ନଂ.୬/୨୬)ରୁଜୁ ହୋଇଛି। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ୱବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୋଲିସ ତଦନ୍ତ ଚଳାଇଛି।

# ହାଟଡ଼ିହୀରେ ୧୪୪ ଦେଲେନି ପରୀକ୍ଷା

**ବଉଳା,୨।୩(ଦୁର୍ଗା ପ୍ରସାଦ ଆୟଚ)**

## ସରିଲା ମାଟ୍ରିକ୍ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଶେଷ ଦିନରେ ୨୪୬୬ ଜଣଙ୍କ ମଧ୍ୟରୁ ୨୩୨୨ ଜଣ ପରୀକ୍ଷା ଦେଇଥିଲେ। ୧୪୪ ଜଣ ଅନୁପସ୍ଥିତ ରହିଥିଲେ। ଟିଏମ୍ ଏକଡେମୀ ଉଅଁରରେ ୨୪୭ଜଣଙ୍କ ମଧ୍ୟରୁ ୨୧୪ ଜଣ ପରୀକ୍ଷା ଦେଇଥିଲେ। ୩୩ ଜଣ ଅନୁପସ୍ଥିତ ରହିଥିଲେ। ଯାହା କି ବ୍ଲକ୍‌ରେ ସବୁ ପରୀକ୍ଷା କେନ୍ଦ୍ରଠାରୁ ଅଧିକ ଅନୁପସ୍ଥିତ ରହିଥିବା ସୂଚନାରୁ ଜଣାଯାଇଛି। ସେହିପରି ବି.ପି ହାଇସ୍କୁଲ ବାଙ୍ଗୋର ପରୀକ୍ଷା କେନ୍ଦ୍ରରେ ୧୯୬ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୬୭ ଜଣ ପରୀକ୍ଷା ଦେଇଛନ୍ତି। ୨୯ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଆରବି ହାଇସ୍କୁଲ ସଡ଼ଙ୍ଗରେ ୧୭ଜଣ, କପିଳେଶ୍ୱର ହାଇସ୍କୁଲ କଳିଙ୍ଗାରେ ୧୭ ଜଣ ଅନୁପସ୍ଥିତ ଥିଲେ। ଏହିପରି ମୋଟ ୧୪୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପରୀକ୍ଷାର ପ୍ରଥମ ଦିନରେ ୧୩୦ଜଣ ଅନୁପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ କେଉଁ ପରିସ୍ଥିତିରେ ପରୀକ୍ଷା ନ ଦେଇ ଅନୁପସ୍ଥିତ ରହିଲେ ତାହା ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍‌ମାନେ ମତପୋଷଣ କରିଛନ୍ତି।

# ୧୮୩ ଅଭିଯୋଗ ଆଗତ, ୩୮ ଫଇସଲା


ଶିବିରରେ ଜଣେ ମହିଳା ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**କେନ୍ଦୁଝର,୨।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୮୩ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୫୧ଟି, ସାମୁହିକ ଅଭିଯୋଗ ୩୨ଟି ଏବଂ ରେଡ୍‌କ୍ରସ ସହାୟତା ପାଇଁ ୧୬ଟି ଆବେଦନ ଗ୍ରହଣ କରାଯାଇଛି। ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ରବିନ୍ଦ୍ର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ ଜିଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

# ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ


ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

**ଚମ୍ପୁଆ,୨।୩(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଉପ ଜିଲାପଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଚମ୍ପୁଆ ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ସହକାରୀ ଜିଲାପାଳ ସୌମରେନ୍ଦ୍ର ଦାସ ଓ ଫୁଲରାଇ ବେସ୍ରା ପ୍ରମୁଖ ଯୋଗ ଦେଇଥିବା ବେଳେ ଚମ୍ପୁଆ, ଝୁମ୍ପୁରା ଅଞ୍ଚଳର ବୁଦ୍ଧିଜୀବୀ, ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ। ଦୋଳ, ରଙ୍ଗ ଖେଳ, ରାମ ନବମର ଏବଂ ଇଦ ପର୍ବକୁ ଭାଇଚାରା ଭିତିରେ ପାଳନ କରିବାକୁ ବୈଠକର ଲକ୍ଷ୍ୟ ରହିଥିଲା। ଶାନ୍ତିସୃଙ୍ଖଳା ରକ୍ଷା ନିମନ୍ତେ ଅଭାବି ପୋଲିସ କର୍ମଚାରୀ ପାଇଁ ଜନସାଧାରଣ ଓ ବରିଷ୍ଠ ନେତୃମଣ୍ଡଳୀଙ୍କର ସହଯୋଗ କାମନା କରାଯାଇଥିଲା। ବିଶେଷ ଭାବରେ ହୋଲି ଦିନ ମଦ୍ୟପଙ୍କ ପ୍ରଭାବ ସହିତ ଦୁର୍ଘଟଣା ଘଟୁଥିବାରୁ ଏହାକୁ ପ୍ରସମିତ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଚୋରା ମଦ ବିକ୍ରି ଉପରେ ଚଢ଼ାଉ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଥିଲେ। ଏଥି ସହିତ ଅପ୍ରିତିକର ପରିସ୍ଥିତି ଘଟିଲେ ତୁରନ୍ତ ପୋଲିସକୁ ସୂଚନା ଦେବା ସହିତ ସମାଧାନର ବାଟ ଖୋଜିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ହିମାଂଶୁ ଶେଖର ପ୍ରଧାନ, ଏସ୍‌ଆଇ ନୀତିଶ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଚନ୍ଦ୍ର ଗ୍ରହଣ ପାଇଁ ଦିନକ ପୂର୍ବରୁ ମେଳଣ

**ପାଟଣା,୨।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମ ଶାସନ ସୋମେଶ୍ୱର ମହାଦେବ ମନ୍ଦିର ସନ୍ନିକଟରେ ସୋମବାର ମେଳଣ ପର୍ବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଗ୍ରହଣ ପଡୁଥିବାରୁ ଠାକୁରଙ୍କ ମେଳଣ ପର୍ବ ଆଗୁଆ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ସ୍ୱାମବୀର ଜୟ ଗୋବିନ୍ଦପୁର, ଦୁର୍ଗାଦେଇପୁର, ଶିବନାରାୟଣପୁର, କାମେଶ୍ୱରପୁର ଓ କପୁଣ୍ଡିର ୭ ସୁସଜ୍ଜିତ ବିମାନରେ ଦୋଳ ଗୋବିନ୍ଦ ଠାକୁରଙ୍କ ମେଳଣ ସମ୍ପନ୍ନ ହୋଇଛି। ସମସ୍ତ ଠାକୁର ପ୍ରଥମେ କପୁଣ୍ଡି, ଦୁର୍ଗାଦେଇପୁର ଶାସନ, ଶିବନାରାୟଣପୁର, କାମେଶ୍ୱରପୁର ଶାସନ ପରିକ୍ରମା କରିଥିଲେ। ପରେ ସ୍ୱାମ ପାଲାମଣ୍ଡପ ପଡ଼ିଆରେ ଠାକୁର୍ ରଙ୍ଗ ଖେଳିଥିଲେ। ଗ୍ରାମ ଶେଷ ଶକ୍ତି ଶେଖର କରଙ୍କ ଘର ସମ୍ମୁଖରେ ଠାକୁର ଭୋଗ ଲାଗି ହୋଇଥିଲେ। ଗ୍ରାମର ଯୁବକଙ୍କ ତତ୍ତ୍ୱାବଧାନରେ ଦେବନୀତି ସମ୍ପନ୍ନ ହୋଇଥିଲା। ସେହିଭଳି ଟାଙ୍ଗରପଡ଼ା ଜୟ ଗୋପାଳ ରାଧାକୃଷ୍ଣ ମନ୍ଦିରରେ ଦୋଳ ପର୍ବ ପାଳିତ ହୋଇଛି।

# ୬ରେ କଂଗ୍ରେସର ଜିଲାସ୍ତରୀୟ ଜନ ଅଧିକାର ସମାବେଶ

**ଯୋଡ଼ା,୨।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବନେଇକଳା ଦୁର୍ଗାପୂଜା ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ମାର୍ଚ୍ଚ ୬ରେ ଜିଲାସ୍ତରୀୟ ଜନ ଅଧିକାର ସମାବେଶ ଅନୁଷ୍ଠିତ ହେବ। ଏ ନେଇ ସୋମବାର କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ପୂର୍ବତନ ଏମ୍‌ପି ତଥା କଂଗ୍ରେସ ଆଦିବାସୀ ସେଲର ଅଧ୍ୟକ୍ଷ ଯସବନ୍ତ ନାରାୟଣ ସିଂ ଲାଗୁରୀ ସୂଚନା ଦେଇ କହିଥିଲେ, ଖଣି ଅଞ୍ଚଳର ଜନସାଧାରଣ ଦୀର୍ଘ ବର୍ଷ ଧରି ଅବହେଳାର ଶିକାର ହୋଇ ଆସୁଛନ୍ତି। ଅଞ୍ଚଳରୁ ରାଜ୍ୟ ଓ ଜାତୀୟ ରାଜକୋଷକୁ ଅଧିକ ରାଜସ୍ୱ ଯାଉଛି। ମାତ୍ର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି। ଖଣିରେ ନିଯୁକ୍ତି ମିଳୁନାହିଁ। ଫଳରେ ବେକାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାନ୍ତ୍ରିକ ଖଣି ଚଳନ, ସ୍ଲରିପାଇପ୍ ଓ ରେଳ ଯୋଗେ ଖଣିଜ ପରିବହନ ଯୋଗୁ ଟ୍ରକ୍ ଯୋଗେ ଖଣିଜ ପରିବହନକୁ ଖଣି କମ୍ପାନୀ ଗୁରୁତ୍ୱ ଦେଉନାହାନ୍ତି। ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଖଣି ଅଞ୍ଚଳରେ ଆର୍ଥିକ ସଂକଟ ମଧ୍ୟରେ ଲୋକେ ଗତି କରୁଛନ୍ତି। ଭାଜପା ସରକାର ସୁଭଦ୍ରା ଯୋଜନାରେ ବାର୍ଷିକ ୫୦ ହଜାର ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ରୁ ୪୦୦୦ ଟଙ୍କାକୁ ବୃଦ୍ଧି, ୩୦୦ ୟୁନିଟ ବିଦ୍ୟୁତ୍ ବିଲ ଫ୍ରି ପ୍ରଭୃତି ପ୍ରତିଶ୍ରୁତି ପାଳନ ଦିଗରେ ଆନ୍ତରିକତା ଦେଖାଉନାହାନ୍ତି। ଖଣି ଅଞ୍ଚଳବାସୀ ନିଜର ବଞ୍ଚିବା ଅଧିକାର କିପରି ପାଇବେ ସେ ନେଇ କଂଗ୍ରେସ ପକ୍ଷରୁ ଏହି ଜନ ଅଧିକାର ସମାବେଶରେ ସ୍ୱର ଉଠାଯିବ। ସମାବେଶରେ କଂଗ୍ରେସର ପ୍ରଦେଶ କମିଟି ସଭାପତି ଭକ୍ତ ଦାସ, କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲାଲୁ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜିଲା ସଭାପତି ମନୋଜ ଜେନା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଯୋଡ଼ା ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ ନାୟକ, ଯୋଡ଼ା ବ୍ଲକ୍ ସଭାପତି ଚନ୍ଦ୍ରବୀର ମହାନ୍ତ ଉପସ୍ଥିତ ଥିଲେ।

# ପଳାସପଙ୍ଗା-ବାମେବାରୀ ରାସ୍ତା ମରଣଯନ୍ତା

## ମରାମତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦୁଝର,୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**


ରାସ୍ତାରୁ କଂକ୍ରିଟ୍ ଉଠି ଲୁହାଛଡ଼ ଦେଖାଯାଉଛି।

କେନ୍ଦୁଝର ଜିଲା ସଦର ବ୍ଲକ୍ ଏନ୍‌ଏଚ୍ ୨୦ ପଳାସପଙ୍ଗା ଛକଠାରୁ ବାମେବାରି ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ମରଣଜନ୍ତା ପାଲଟିଛି। ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସଦର, ଝୁମ୍ପୁରା, ଯୋଡ଼ା, ବାଂଶପାଳ ବ୍ଲକ୍‌ର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟାତରେ ବହୁ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ରାସ୍ତାର ମରାମତି କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ରାସ୍ତାରେ ଦୈନିକ ଅନେକ ଶହ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍, ଟ୍ରେଲର, ମେଶିନ ଆଦି ଚଳାଚଳ କରୁଛି। ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ପଳାଶପଙ୍ଗା ଏନ୍‌ଏଚ୍୨୦ ରାସ୍ତାଟି ଯୋଡା ଖଣି ଅଞ୍ଚଳ ଦେଇ ଯୋଡ଼ା ବ୍ଲକ୍ ରଣାଶାଳ ଘଟି ନିକଟରେ ଏନ୍‌ଏଚ୍ ୫୨୦ରେ ମିଶିଛି। ଏଣୁ ଯୋଡ଼ା, ବଡ଼ବିଲ, କୋଇଡ଼ା ଆଦି ଖଣି ଅଞ୍ଚଳର ଲୁହାପଥର ବୋଝେଇ ଭାରିଯାନ ଯାତାୟାତ କରିଥାଏ। ରାସ୍ତା ଅର୍ଥ ନୈତିକ ଦୃଷ୍ଟି କୋଣରୁ ବହୁତ ଗୁରୁତ୍ୱ ବହନ କରିଥାଏ। ତେଣୁ ଗୁରୁତ୍ୱକୁ ଉପଲବ୍ଧି କରି ବହୁକୋଟି ଟଙ୍କାରେ ଏହାର ନିର୍ମାଣ କରାଯାଇଥିଲା। କେନ୍ଦୁଝର ଭିତ୍ତିଭୂମି ଉନ୍ନୟନ କମ୍ପାନୀ (କିଡ୍‌କୋ) ଅଧୀନରେ ଥିବା ବେଳେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଖରାପ ହୋଇଯାଇଛି। ଅନେକ ସ୍ଥାନରେ ଭାଙ୍ଗି ଅସୁରକ୍ଷିତ ହୋଇ ପଡିଥିବା ବେଳେ ରାସ୍ତାର ଅରଡେଇ ପୋଲ, କଣ୍ଡରାପୋଶି ରେଳ ଓଭର ବ୍ରିଜ ଓ ଜଗଦଳା ରେଳ ଓଭର ବ୍ରିଜ ନିକଟରେ ରାସ୍ତାରେ ଆଣ୍ଠୁଏ ଲେଖାଏ ଖାଲ ହୋଇଛି। ଖଣିଜ ପଥର ବୋଝେଇ ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ପାର୍ଶ୍ୱ ଗ୍ରାମର ଲୋକେ ଧୂଳି ଧୂଆଁରେ ଅତିଷ୍ଠ ହେବା ସହିତ ବାୟୁଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତା ଶୋଚନୀୟ ହୋଇ ପଡ଼ିଥିବାରୁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି। ଆମ୍ବୁଲାନ୍ସ, ଦମକଳ, ପୋଲିସ ପାଟ୍ରୋଲିଂ ଗାଡ଼ି ସମେତ ସ୍କୁଲ ଭ୍ୟାନ ଓ ଯାତ୍ରୀବାହୀ ବସ୍ ରାସ୍ତାରେ ଯାତାୟାତ ସମୟରେ ସମସ୍ୟା ହେଉଛି। ଖରାଦିନେ ଧୂଳି ଧୂଆଁ ପ୍ରଦୂଷଣ ଏବଂ ବର୍ଷା ଦିନରେ କାଦୁଅ ଯୋଗୁ ଲୋକେ ଯନ୍ତ୍ରଣା ଭୋଗୁଛନ୍ତି। ଏହାକୁ ନେଇ ବହୁ ଦାବି, ଆନ୍ଦୋଳନ ହୋଇଥିଲେ ହେଁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବୃଦ୍ଧତ ପାଉଥିବା ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଏହାର ଉନ୍ନତୀକରଣ ହେଲେ ସୁବିଧାରେ ଲୁହାପଥର ପରିବହନ ହୋଇ ପାରିବ, ଉକ୍ତ ଅଞ୍ଚଳର ଲୋକମାନେ ସୁବିଧାରେ ଯାତାୟାତ କରିପାରିବେ ବୋଲି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ କହିଛନ୍ତି। ତୁରନ୍ତ ପଳାଶପଙ୍ଗାଠାରୁ ବାମେବାରି ଦେଇ କାଳିମାଟି ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରି ଯାତାୟତ ଉପଯୋଗୀ କରିବା ନିମନ୍ତେ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ଶନିବାର ଚିଠିଲେଖି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ସୂଚନା ଦେଇଛନ୍ତି।

